Vol VIII Issue No.170 Wednesday, 20 June 2007



ମୋର ସନ୍ତାନମାନେ ଯେତେବେଳେ ମିଥ୍ୟାର ପ୍ରବେଗ ଦ୍ୱାରା ଚାଳିତ ହୋଇ କିଛି ଭାବନ୍ତି, କହନ୍ତି କିମ୍ୱା କାର୍ଯ୍ୟ କରନ୍ତି- ସେତେବେଳେ ତାହା ମୋ ଶରୀର ଉପରେ ଏକ ଭୀଷଣ ଆଘାତ ସୃଷ୍ଟିକରେ । -ଶ୍ରୀମା

# କେନ୍ଦ୍ରର ଘଇତାପଣିଆ/ସମ୍ପାଦକୀୟ

Click to enlarge text: A A A A

ସବୁ ସମ୍ପଦ କେନ୍ଦ୍ର ପାଇଁ ଟଙ୍କା ଫଳାଉଛି ।

ମଧ୍ୟପ୍ରଦେଶରେ ଯେଉଁ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବାକୁ ଯାଉଛି ସେଠି ପାଠପଢ଼ା ସହିତ ଆଦିବାସୀ କଳା, ସଂସ୍କୃତି, ଐତିହ୍ୟ, ଭାଷା ଏବଂ ଔଷଧୀୟ ବ୍ୟବସ୍ଥା ଉପରେ ବି ଗବେଷଣା କରାଯିବାର ଯୋଜନା ରହିଛି । ଏକଥା ସମସ୍ତଙ୍କୁ ଜଣା ଯେ ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ । ବିଶେଷ ଭାବେ କେବିକେ ଅଂଚଳରେ ଆଦିବାସୀଙ୍କ ସଂଖ୍ୟା ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ । ଏହି କ୍ଷେତ୍ରରେ ଆଦିବାସୀ ବିଶ୍ୱବିଦ୍ୟାଳୟର ପ୍ରୟୋଜନ ଅଛି କି ନାହିଁ କିମ୍ୱା ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରୁ କେଉଁଠି ଏହା ସ୍ଥାପନ କରାଯିବା ଅଧିକ ଯଥାର୍ଥ ସେ ନେଇ ଆଲୋଚନା ପର୍ଯ୍ୟାଲୋଚନା ଚାଲିପାରେ । କିନ୍ତୁ ଏଠାରେ ମୂଳକଥା ହେଲା କେନ୍ଦ୍ର ବାରମ୍ୱାର ଓଡ଼ିଶାବାସୀଙ୍କୁ କ'ଣ ବାର୍ତ୍ତା ଦେବାକୁ ଚାହୁଁଛି । କେନ୍ଦ୍ର ପକ୍ଷରୁ ଏ ନେଇ କିଛି ସଫେଇ ଆସିବ ନାହିଁ ବୋଲି ମଧ୍ୟ ସମସ୍ତେ ଜାଣନ୍ତି । ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ନ୍ୟାଯ୍ୟଦାବିକୁ ପ୍ରତ୍ୟାଖ୍ୟାନ କରି କେନ୍ଦ୍ର ବାରମ୍ୱାର ଜଣାଇବାରେ ବ୍ୟସ୍ତ ଯେ ଓଡ଼ିଶା ବା ଓଡ଼ିଆ ଜାତି ତାଙ୍କ ପାଇଁ କୌଣସି ମହତ୍ତ୍ୱ ରଖୁନାହିଁ ।

ଯଦି ଓଡ଼ିଆ ଜାତି ଏବଂ ରାଜ୍ୟ ସରକାର ସ୍ପଷ୍ଟ ବୁଝିପାରିଲେଣି ଯେ ଯେତେ କାନ୍ଦୁଣିମାନ୍ଦୁଣି ହୋଇ ଗୁହାରି କଲେ ମଧ୍ୟ କେନ୍ଦ୍ର ବରଫ ଭଳି ଆମର ଦାବି ପ୍ରତି ଥଣ୍ଡା ରହୁଛି, ତେବେ ଦାବି କରିବାର ମୂଲ୍ୟ କ'ଣ ? ଦାବି ପରେ ଦାବି କରି ଚାଲିଥିବା କିନ୍ତୁ କୌଣସି ପ୍ରତିକ୍ରିୟା ନ ମିଳିଲେ ଆମେ ହାସ୍ୟାସ୍ପଦ ପରିସ୍ଥିତିରେ ପଡୁଛେ । ଅପରପକ୍ଷରେ କୌଣସି ଦାବି ନ କଲେ କିଛି ଲୋକ ଏଭଳି ମୋଟା ଚମଡାର ଅଛନ୍ତି ଯେଉଁମାନେ କହିବେ 'ଛୁଆ ନ କାନ୍ଦିଲେ ମା' କ୍ଷୀର ଦିଏନି' କିମ୍ୱା 'ଶୋଇଲା

home || next

©2004 Dharitri All Rights Reserved.
Send all feedback / comments to webmail@dharitri.com.
Advertisement inquiries contact advt@dharitri.com.